# NATIONAL NEWS BULLETIN (ODIA)

**23 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାନ୍ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିନକୁ ଆଜି ପରାକ୍ରମ ଦିବସ ଭାବେ ପାଳନ କରୁଛି ଦେଶ ।

- କଟକ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଜନ୍ମପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ଉପରାଷ୍ଟ୍ରପତି ।

\- କହିଲେ, ସ୍ୱାଧୀନତା ସଂଗ୍ରାମର ଅମର ନାୟକ ନେତାଜୀ ଆଗାମୀ ଶହଶହ ପୀଢ଼ି ପାଇଁ ପ୍ରେରଣା ହୋଇ ରହିବେ

- କେରଳର ତିରୁଅନନ୍ତପୁରମଠାରେ ୩ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସମେତ ଅନେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ରାୟପୁରରେ ଅନୁଷ୍ଠିତ ଅନୁଷ୍ଠିତ ହେବ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ।

# ଡବ୍ଲୁବି-ପରାକ୍ରମ ଦିବସ

ମହାନ୍ କ୍ରାନ୍ତିକାରୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜି ୧୨୯ତମ ଜୟନ୍ତୀ ପାଳନ କରାଯାଉଛି । ଏହି ଦିବସକୁ ଦେଶ ପରାକ୍ରମ ଦିବସ ଭାବେ ପାଳନ କରୁଛି ।

ପରାକ୍ରମ ଦିବସ ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତିଭବନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଆଜିର ଦିନରେ ଦେଶ ନେତାଜୀଙ୍କ ଅବଦାନକୁ ସ୍ମରଣ କରିବା ସହ ତାଙ୍କ ଅଦମ୍ୟ ସାହସ ଓ ଇଚ୍ଛାଶକ୍ତିକୁ ପ୍ରଶଂସା କରୁଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନେତାଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି କହିଛନ୍ତି ସେ ଦେଶର ସ୍ୱାଧୀନତା ଲାଗି ସବୁକିଛି ଜଳାଞ୍ଜଳି ଦେଇଥିଲେ । ନେତାଜୀଙ୍କ ଦେଶପ୍ରେମ ଏବଂ ସ୍ୱାଧୀନତା ସଂଗ୍ରାମରେ ଭୂମିକା ଦେଶବାସୀଙ୍କ ମନରେ ଏବେମଧ୍ୟ ଦେଶ ପ୍ରେମର ଭାବନା ଜାଗ୍ରତ କରୁଛି ।

ପଶ୍ଚିମବଙ୍ଗରେ ପରାକ୍ରମ ଦିବସ ଅବସରରେ ଅନେଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କଲକାତାର ଭିକ୍ଟୋରିଆ ମେମୋରିଆଲଠାରେ

ଆଜି ସଂଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଯୋଗଦେବେ । ପଶ୍ଚିମବଙ୍ଗ ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦବୋଷ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ନେତାଜୀଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକାକୁ ନେଇ ସ୍ୱତନ୍ତ୍ର ଆଲୋକ ଓ ଶବ୍ଦର କାର୍ଯ୍ୟକ୍ରମ ଆୟୋଜିତ ହେବ ଆଜି ପରାକ୍ରମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

## ନେତାଜୀ-ଭିପି

କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଭୋଷଙ୍କ ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି ଦେଶର ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ବଳିଷ୍ଠ ଅବଦାନ ଥିଲା। କଳାସଂସ୍କୃତିର ଅନନ୍ୟ ଭୂମି ଓଡ଼ିଶା ଭାରତମାତାର ମହାନ ସଭ୍ୟତାର ଏକ ଶ୍ରେଷ୍ଠ ଉଦାହରଣ। କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ତଥା ସଂଗ୍ରହାଳୟରୁ ତାଙ୍କ ବିଷୟରେ ବହୁତ କିଛି ସୂଚନା ମିଳିଥାଏ। ସ୍ୱାଧୀନତା ସଂଗ୍ରାମର ଅମର ନାୟକ ନେତାଜୀ ଆଗାମୀ ଶହଶହ ପିଢ଼ୀ ପାଇଁ ପ୍ରେରଣା ହୋଇ ରହିବେ ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ପୋଷ୍ଟାଲ ଗ୍ୟାଲେରୀର ଲୋକାର୍ପଣ କରିବା

ସହ ନେତାଜୀଙ୍କ ନାମରେ ନାମିତ ସଂସ୍କୃତି ଭବନକୁ ଉଦ୍‌ଘାଟନ କରିଛନ୍ତି ।

# ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେରଳର ତିରୁଅନନ୍ତପୁରମଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ନୂତନ ରେଳ ସେବାକୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ ସ୍ୱନିଧି କ୍ରେଡିଟ କାର୍ଡର ଶୁଭାରମ୍ଭ ମଧ୍ୟ କରିଛନ୍ତି । ଏହି କ୍ରେଡିଟ କାର୍ଡ ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ୧ଲକ୍ଷ ହିତାଧିକାରୀଙ୍କୁ ପିଏମ୍ ସ୍ୱନିଧି ଋଣ ପ୍ରଦାନ କରିଛନ୍ତି । ୩ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ଗୋଟିଏ ଯାତ୍ରିବାହୀ ଟ୍ରେନ୍ ସମେତ ୪ଟି ନୂତନ ଟ୍ରେନ୍‌ସେବାକୁ ଶ୍ରୀ ମୋଦୀ ଆଜି ଶୁଭାରମ୍ଭ କରିଥିଲେ ।

**V/O (PM Amrit Bharat)**

ଏହାବ୍ୟତୀତ ସିଏସ୍‌ଆଇଆର୍-ଏନ୍‌ଆଇଆଇଏସ୍‌ଟି ଇନୋଭେସନ ଟେକ୍ନୋଲୋଜି ଏବଂ ଉଦ୍ୟୋଗୀ ହବ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

**V/O (PM Inovation)**

ଏହାବ୍ୟତୀତ ସହରରେ ଶ୍ରୀ ଚିତ୍ରା ତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏକ ଅତ୍ୟାଧୁନିକ ରେଡ଼ିଓ ସର୍ଜରୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ନୂତନ ପୂଜାପୁରା ମୁଖ୍ୟ ଡାକଘରକୁ ଉଦ୍‌ଘାଟନ କରିଥିଲେ ।

ତିରୁଅନନ୍ତପୁରମ୍‌ରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ସମଗ୍ର ଦେଶ ବିକଶିତ ଭାରତ ଲକ୍ଷ୍ୟ ଦିଗରେ ମିଳିତଭାବେ କାର୍ଯ୍ୟ କରୁଛି । ବିକଶିତ ଭାରତରେ ସହର ଗୁଡ଼ିକର ବଡ଼ ଭୂମିକା ରହିଛି । ସେ କହିଥିଲେ କେନ୍ଦ୍ର ସରକାର ଗତ ୧୧ ବର୍ଷ ଧରି ସହରାଞ୍ଚଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ନିବେଶ କରିଆସୁଛନ୍ତି ।

ଆୟକର ହାରରେ ସଂସ୍କାର ବିଷୟ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ କେରଳରେ ମଧ୍ୟବିତ୍ତ ବର୍ଗର ଲୋକେ ଆୟକର ଛାଡ଼ର ଲାଭ ପାଇଛନ୍ତି । କେନ୍ଦ୍ର ସରକାର ତୃଣମୂଳସ୍ତରରେ ବ୍ୟାଙ୍କିଂ ସେବା ଯୋଗାଇବା ପାଇଁ ବ୍ୟାପକ ପ୍ରୟାସ କରୁଛନ୍ତି । ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜରେ ବ୍ୟାଙ୍କ ଋଣ ଯୋଗାଇଦେବା ସରକାରଙ୍କର ଲକ୍ଷ୍ୟ ରହିଛି । ପ୍ରଧାନମନ୍ତ୍ରୀ କହିଥିଲେ ରାସ୍ତାକଡ଼ ବିକ୍ରେତାଙ୍କ ସମେତ ଲୋକମାନଙ୍କ ଜୀବନଯାପନ ଶୈଳୀକୁ ଆରାମଦାୟକ କରିବା ଲାଗି ସରକାରଙ୍କ ଦ୍ୱାରା ପିଏମ୍ ସ୍ୱନିଧି ଯୋଜନାର ପରିକଳ୍ପନା କରାଯାଇଥିଲା । ପୂର୍ବରୁ ଧନୀ ଲୋକମାନେ ପାଉଥିବା ସୁବିଧା ଭଳି ରାସ୍ତାକଡ଼ ବିକ୍ରେତାମାନେ କ୍ରେଡିଟକାର୍ଡ ମାଧ୍ୟମରେ ସେମାନଙ୍କ ବ୍ୟବସାୟକୁ ଆଗକୁ ନେଇପାରୁଛନ୍ତି ।

## ବୈଷ୍ଣବ-ଇଣ୍ଡିଆନ ମୋବାଇଲ ବ୍ରାଣ୍ଡ

ଆସନ୍ତା ୧୮ମାସ ମଧ୍ୟରେ ଭାରତ ତା'ର ନିଜର ମୋବାଇଲ ବ୍ରାଣ୍ଡ ଉନ୍ମୋଚନ କରିବ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା

ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଡାଭୋସଠାରେ ବିଶ୍ୱ ଅର୍ଥନୈତିକ ଫୋରମ ସମୟରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଭାରତରେ ଇଲେକ୍ଟ୍ରୋନିକ୍ସ ଇକୋ ସିଷ୍ଟମରେ ବିକାଶ ଘଟୁଛି ଏବଂ ଦେଶର ନିଜସ୍ୱ ମୋବାଇଲ ଫୋନ୍ ବ୍ରାଣ୍ଡ ଉନ୍ମୋଚନ କରିବାର ସମୟ ଉପନୀତ ହୋଇଛି । ସେ କହିଛନ୍ତି ବିଶ୍ୱ ଅର୍ଥନୈତିକ ଫୋରମ ସମୟରେ ମୋବାଇଲ ଫୋନ୍ ପ୍ରସ୍ତୁତି କରୁଥିବା ଦେଶଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି ।

## ସିଭିଲ ଆଭିଏସନ

ଏକ ଉନ୍ନତ ପରିବହନ ଇକୋସିଷ୍ଟମ ସ୍ଥାପନ କରିବା ଦିଗରେ ଭାରତ ଏବଂ ୟୁରୋପୀୟ ସଂଘ ସହମତି ପ୍ରକାଶ କରିଛନ୍ତି । ବିଶ୍ୱ ଅର୍ଥନୈତିକ ଫୋରମ ସମୟରେ ଗତକାଲି ୟୁରୋପୀୟ ସଂଘ ପରିବହନ କମିଶନର ଆପୋଷ୍ଟୋଲସ ତିଜିକୋଷ୍ଟାଙ୍କ ସହ ଏ ନେଇ ଆଲୋଚନା ହୋଇଥିବା ଜଣାପଡିଛି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି ଉଭୟ ଦେଶ ମଧ୍ୟରେ ପରିବେଶ ଅନୁକୂଳ ଜାହାଜ ଇନ୍ଧନ ପ୍ରସ୍ତୁତି ଦିଗରେ ବୈଠକରେ ଆଲୋଚନା ହୋଇଛି । ଉଭୟ ଦେଶ ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ସୁରକ୍ଷା ସହଯୋଗ ବୃଦ୍ଧି କରିବା ସମେତ ସମନ୍ୱୟ ରକ୍ଷା ତଥା ସାଇବର ସୁରକ୍ଷା ଓ ଡ୍ରୋନ୍

ପରିଚାଳନା ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ରୀ ନାଇଡୁ କହିଛନ୍ତି ଖୁବ୍‌ଶୀଘ୍ର ଏକ ସଂଯୁକ୍ତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରାଯାଇ ଉଭୟ ଦେଶ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କାର୍ଯ୍ୟକ୍ରମକୁ ଚୂଡାନ୍ତ ରୂପରେଖ ପ୍ରଦାନ କରାଯିବ ।

## ଇଣ୍ଡିଆନ୍ ଆର୍ମୀ-ଏମ୍‌ଓୟୁ

ଭାରତୀୟ ସେନା ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଏହି ବୁଝାମଣା ଫଳରେ ଉଭୟ ଭାରତୀୟ ସେନା ଓ ବିଜ୍ଞାନ ପ୍ରତିଷ୍ଠାନ ମିଳିତଭାବେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଗବେଷଣା ଓ ସୃଜନଶୀଳତାକୁ ଆଗେଇନେବେ । ଡିଜିଟାଲ ସୂଚନା ପରିପ୍ରେକ୍ଷୀରେ ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକର ସମାଧାନ ଦିଗରେ ଏହି ବୁଝାମଣା ବିଶେଷ ଦୃଷ୍ଟି ଦେବ ବୋଲି ଜଣାପଡିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଏହି ବୁଝାମଣା ଦ୍ୱାରା ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ସେନାର ପ୍ରତିବଦ୍ଧତା ପ୍ରକାଶ ପାଇଛି । ଆତ୍ମନିର୍ଭର ସାମର୍ଥ୍ୟ ବିକାଶକୁ ସୁଦୃଢ଼ କରିବା ଦିଗରେ ଉଭୟ ସେନା ଏବଂ ବିଜ୍ଞାନ ପ୍ରତିଷ୍ଠାନ ମିଳିତଭାବେ କାର୍ଯ୍ୟ କରିବାନେଇ ପଥ ପରିଷ୍କାର ହୋଇଛି ।

# ଆଇଆଇସିଡିଇଏମ୍-ଥାର୍ଡ ଡେ

ନୂଆଦିଲ୍ଲୀରେ ଚାଲିଥିବା ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ପର୍କିତ ଭାରତ ଆନ୍ତର୍ଜାତିକ ସମ୍ମିଳନୀର ଆଜି ହେଉଛି ଶେଷ ଦିନ । ଏହି ଅବସରରେ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଅନେକଗୁଡ଼ିଏ ଦେଶର ପ୍ରତିନିଧିମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି । ବୈଠକରେ ବିଶ୍ୱସ୍ତରରେ ନିର୍ବାଚନୀ ଅଭିଜ୍ଞତା ଏବଂ ନୂତନତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଉଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଇସିଆଇନେଟ୍ ଭଳି ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ ପ୍ଲାଟଫର୍ମ ପ୍ରସ୍ତୁତି ଦିଗରେ ଭାରତର ନିର୍ବାଚନ ପରିଚାଳନା ସଂସ୍ଥା ଅନ୍ୟଦେଶ ଗୁଡ଼ିକୁ ସାହାଯ୍ୟ କରିବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଭାରତ ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନୀ ପରିଚାଳନା ପ୍ରତିଷ୍ଠାନ ଅନ୍ୟଦେଶ ଗୁଡ଼ିକୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେବା ନେଇ ମଧ୍ୟ ସମ୍ମିଳନୀରେ ମତପ୍ରକାଶ ପାଇଛି ।

ଆକାଶବାଣୀ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳପରେ ବୋଶୱାନାର ନିର୍ବାଚନ ପରିଚାଳନା ସଂସ୍ଥାର ମୁଖ୍ୟ ଡୋରିନ୍ ଲ୍ୟାମେ ସେରୁମୁଲା କହିଛନ୍ତି ଏହି ନିର୍ବାଚନୀ ପରିଚାଳନା ସମ୍ପର୍କିତ ସମ୍ମିଳନୀ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଏବଂ ସାରା ବିଶ୍ୱରେ ଗଣତାନ୍ତ୍ରିକ ପଦ୍ଧତି ଓ ନିର୍ବାଚନ ପରିଚାଳନାର ଅଭିଜ୍ଞତା ଆଦାନ ପ୍ରଦାନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

# କ୍ରିକେଟ-ଟି୨୦

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ମ୍ୟାଚ୍ ଅନୁଷ୍ଠିତ ହେବ । ରାୟପୁରର ସହିଦ ବୀର୍ ନାରାୟଣ ସିଂହ ଆନ୍ତର୍ଜାତିକ ଷ୍ଟାଡିୟମରେ ସଂଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଆଜିର ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ଏହି ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ପ୍ରଥମ ମ୍ୟାଚ୍‌ରେ ଭାରତ ୪୮ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା । ଅଭିଷେକ ଶର୍ମା ୮୪ରନ୍ ସ୍କୋର କରିଥିବାବେଳେ ରିଙ୍କୁ ସିଂହ ୨୦ଟି ବଲ୍‌ରୁ ୪୪ ରନ୍ ସଂଗ୍ରହ କରିଥିଲେ ।

ସୂଚନାଯୋଗ୍ୟ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ବିଜୟଲାଭ କରିବା ପରେ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗୋଟିଏ ବି ଟି-୨୦ ଆନ୍ତର୍ଜାତିକ ସିରିଜ୍ ହାତଛଡା କରିନାହିଁ ।